**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ସି.ଆର୍.ଏଲ୍.ଏମ୍.ସି. ସଂଖ୍ୟା 3516/2023**

***1. ଜୟନ୍ତ ବେହେରା***

***2. ବାସନ୍ତୀ ବେହେରା***

***3. ଯୋଗୀନାଥ ବେହେରା***

***4. ହେମନ୍ତ ବେହେରା*** ..... ***ଆବେଦନକାରୀମାନେ***

*ଶ୍ରୀଯୁକ୍ତ ସମରେନ୍ଦ୍ର ମହାନ୍ତି, ଅଧିବକ୍ତା*

ବନାମ

***ଓଡ଼ିଶା ରାଜ୍ୟ*** ..... ***ପ୍ରତିପକ୍ଷ***

*ଶ୍ରୀଯୁକ୍ତ ଏସ୍. ଏସ୍. ପ୍ରଧାନ, ଏ.ଜି.ଏ.*

**ପୀଠାସୀନ:**

**ସାବିତ୍ରୀ ରଥ, ନ୍ୟାୟମୂର୍ତ୍ତି**

**ଆଦେଶ**

**13.09.2023**

ଆଦେଶ (ସଂଯୁକ୍ତ ବ୍ୟବସ୍ଥା ମାଧ୍ୟମରେ)

**ସଂଖ୍ୟା 2** 1. ବିଜ୍ଞ ଅତିରିକ୍ତ ଜିଲ୍ଲା ଏବଂ ଦୌରା ନ୍ୟାୟାଧୀଶ, ଆଠଗଡ଼ଙ୍କ ଦ୍ଵାରା ତା31.07.2023ରିଖ ରେ, ଏସ୍.ଟି. ମାମଲା ସଂଖ୍ୟା 223 / 2013 ରେ ପାରିତ ହୋଇଥିବା ଆଦେଶ ଯେଉଁଥିରେ ସାକ୍ଷୀଙ୍କ ସମ୍ମୁଖରେ ଏମ୍.ଓ.I ଏବଂ ଏମ୍.ଓ.II ରେ ଥିବା ମୃତକ ଓ ତାଙ୍କ ଭାଇ ନବ ଦାସଙ୍କ ଲିପିବଦ୍ଧ ସ୍ଵର ପ୍ରଦର୍ଶନ ପାଇଁ ଦାଖଲ ହୋଇଥିବା ଆବେଦନକୁ ଖାରଜ କରାଯାଇଥିଲା, ତାକୁ ଆପତ୍ତି କରି ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 482 ଅନୁଯାୟୀ ଆବେଦନକାରୀଙ୍କ ଦ୍ଵାରା ଏହି ଆବେଦନ ଦାଖଲ କରଯାଇଥିଲା I ଆବେଦନକାରୀମାନେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ର ଧାରା 498-ଏ/304-ବି/306/34 ଏବଂ ଯୌତୁକ ନିଷେଧ ଅଧିନିୟମ (ଡି. ପି. ଅଧିନିୟମ)ର ଧାରା 4 ଅନୁଯାୟୀ ଅପରାଧିକ କର୍ମ ପାଇଁ ବିଚାରର ସମ୍ମୁଖୀନ ହୋଇଛନ୍ତି I

2. ସଂକ୍ଷେପରେ ଅଭିଯୋଗ ପକ୍ଷର ମାମଲା ହେଉଛି ଯେ ସୂଚନାଦାତାଙ୍କ ଝିଅ ଝୁଲ୍ଲିର ବିବାହ ଆବେଦନକାରୀ ସଂଖ୍ୟା 1 - ଜୟନ୍ତ ବେହେରାଙ୍କ ସହ ହିନ୍ଦୁ ରୀତିନୀତି ଅନୁଯାୟୀ 08.06.2012 ରେ ସମ୍ପନ୍ନ ହୋଇଥିଲା । ବିବାହ ସମୟରେ ଯୌତୁକ ଦିଆଯାଇଥିଲା କିନ୍ତୁ ବିବାହର କିଛି ଦିନ ପରେ, ଆବେଦନକାରୀମାନେ ଅଧିକ ଯୌତୁକ ଦାବି କରିଥିଲେ ଏବଂ ମୃତକଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ସେମାନେ ମୃତକଙ୍କୁ କୌଣସି ଅବସରରେ କିମ୍ବା ପର୍ବପର୍ବାଣିରେ ତାଙ୍କ ପୈତୃକ ଘରକୁ ଯିବାକୁ ଅନୁମତି ଦେଉନଥିଲେ । ସେ ବିଷ ପିଇ ମୃତ୍ୟୁବରଣ କରିଥିଲେ ।

3. ଆଇ.ଓ. ଆବେଦନକାରୀଙ୍କ ବିରୋଧରେ ଆଇ.ପି.ସି.ର ଧାରା 498-ଏ/304-ବି/306/34 ଏବଂ ଡି. ପି. ଅଧିନିୟମର ଧାରା 3 ଏବଂ 4 ଅନୁଯାୟୀ ଦୋଷାରୋପ ପତ୍ର ଦାଖଲ କରିଥିଲେ ଏବଂ ସେମାନେ ସେହି ଅପରାଧ ପାଇଁ ବିଚାରର ସମ୍ମୁଖୀନ ହୋଇଛନ୍ତି । ଆବେଦନକାରୀ ସଂଖ୍ୟା 1, ଜୟନ୍ତଙ୍କ ମୋବାଇଲ୍ ଫୋନ୍ ତଥା ଏହାର ସିମ୍ କାର୍ଡ ତଦନ୍ତ ସମୟରେ ଜବତ କରାଯାଇଥିଲା ଯାହାକୁ ସେ ଜିମାରେ ନେଇଥିଲେ ଏବଂ ଯେଉଁଦିନ ଆଇ.ଓ. ନ୍ୟାୟାଳୟରେ ସାକ୍ଷ୍ୟ ଦେବା ପାଇଁ ହାଜର ହେଲେ ସେହିଦିନ ସେ ଏସବୁକୁ ନ୍ୟାୟାଳୟଙ୍କଠାରେ ଦାଖଲ ଦେଇଥିଲେ ।

4. ଆବେଦନକାରୀମାନଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଏସ୍. ମହାନ୍ତି ଦର୍ଶାଇଛନ୍ତି ଯେ ଏମ୍.ଓ.I ଏବଂ ଏମ୍.ଓ.II ହେଉଛି ଆବେଦନକାରୀ ସଂଖ୍ୟା 1, ଜୟନ୍ତ ବେହେରାଙ୍କ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ, ଯାହା ତଦନ୍ତ ସମୟରେ ଜବତ କରାଯାଇଥିଲା । ଅଭିଯୁକ୍ତଙ୍କ ଭାଇ ନବ କିଶୋର ଦାସ ମୃତକଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ ଫୋନରେ ଗାଳି କରିଥିଲେ ଏବଂ ଏହି ବାର୍ତ୍ତାଳାପ ଉକ୍ତ ମୋବାଇଲ୍ ଏବଂ ସିମ୍ କାର୍ଡରେ ଲିପିବଦ୍ଧ ହୋଇଛି । ତେଣୁ ଏମ୍.ଓ. ମାନଙ୍କରେ ଥିବା ଲିପିବଦ୍ଧ ଧ୍ୱନି ନବ କିଶୋର ଦାସଙ୍କ ସମ୍ମୁଖରେ ବଜାଇବା ଆବଶ୍ୟକ ଥିଲା, ଯେତେବେଳେ ଜେରା କରିବା ଉଦ୍ଦେଶ୍ୟରେ ତାଙ୍କୁ 21.07.2023ରେ ନ୍ୟାୟାଳୟରେ ଯାଞ୍ଚ କରଯାଇଥିଲା, ଯେଉଁଥିପାଇଁ ଆବେଦନ ଦାଖଲ କରାଯାଇଥିଲା । ଉକ୍ତ ଆବେଦନର ସେଦିନ ଶୁଣାଣି ହୋଇନଥିଲା, କିନ୍ତୁ ଆପତ୍ତି ଦାଖଲ ଏବଂ ଶୁଣାଣି ପାଇଁ ଦିନଧାର୍ଯ୍ୟ କରାଯାଇଥିଲା ଏବଂ ତ୍ରୁଟିପୂର୍ଣ୍ଣ

ଆଧାରରେ 31.07.2023 ରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଯେହେତୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡକୁ ଅନୁଲଗ୍ନକ ଭାବରେ ଚିହ୍ନିତ କରାଯାଇଥିଲା, ଜଣେ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରିବାର କୌଣସି ଆବଶ୍ୟକତା ନଥିଲା । ତେଣୁ ଏହି ଆକ୍ଷେପିତ ଆଦେଶ ହସ୍ତକ୍ଷେପ ପାଇଁ ଯୋଗ୍ୟ ଅଟେ ।

5. ବିଜ୍ଞ ଅତିରିକ୍ତ ସରକାରୀ ଅଧିବକ୍ତା, ଶ୍ରୀଯୁକ୍ତ ଏସ୍.ଏସ୍. ପ୍ରଧାନଙ୍କର ବକ୍ତବ୍ୟ ହେଉଛି, ଯେହେତୁ ଆବେଦନକାରୀମାନେ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ହୋଇଥିବା ଏମ୍.ଓ. I ଏବଂ ଏମ୍.ଓ. II ରେ ଥିବା ଲିପିବଦ୍ଧ ସ୍ୱର ପାଇ ନାହାଁନ୍ତି, ଯଦିଓ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ତା08.12.2015ରିଖର ଆଦେଶ ଅନୁସାରେ ଏପରି କରିବାକୁ ସୁଯୋଗ ଦିଆଯାଇଥିଲା, ତେଣୁ ଆକ୍ଷେପିତ ଆଦେଶରେ କୌଣସି ଦୁର୍ବଳତା ନାହିଁ ଏବଂ ଏଥିରେ ହସ୍ତକ୍ଷେପ ଲୋଡ଼ା ଯିବା ଅନୁଚିତ । ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଆବେଦନକାରୀ ସଂଖ୍ୟା 1 ଜୟନ୍ତ ବେହେରାଙ୍କ ଜିମାରେ ରହିଥିଲା ଏବଂ ସେଗୁଡିକ ଆଇ.ଓ.ଙ୍କ ସାକ୍ଷ୍ୟ ପ୍ରଦାନ ତାରିଖରେ ନ୍ୟାୟାଳୟରେ ଦାଖଲ ହୋଇଥିଲା, ଯାହା ବିଚାର ସମୟରେ ଏମ୍.ଓ. I ଏବଂ ଏମ୍.ଓ. II ଭାବରେ ଚିହ୍ନିତ କରଯାଇଥିଲା । ତେଣୁ ଜଣେ ବିଶେଷଜ୍ଞଙ୍କ ଦ୍ୱାରା ଏମ୍.ଓ. I ଏବଂ ଏମ୍.ଓ. II ରେ ଥିବା ଲିପିବଦ୍ଧ ସ୍ୱରକୁ ପରୀକ୍ଷା ନକରାଯାଇ ସାକ୍ଷୀଙ୍କ ଜେରା ପାଇଁ ବ୍ୟବହାର କରାଯାଇପାରିବ ନାହିଁ, ଅଧିକନ୍ତୁ ଯେତେବେଳେ ସାକ୍ଷୀ, ସୁରତରୁ ଟେଲିଫୋନ୍ ମାଧ୍ୟମରେ ମୃତକଙ୍କ ସହ ତାଙ୍କ ମୃତ୍ୟୁ ପୂର୍ବରୁ କଥା ହୋଇଥିବା ଅସ୍ୱୀକାର କରିଛନ୍ତି ।

6. ଏସ୍.ଟି. ମାମଲା ସଂଖ୍ୟା 223 / 2013ରେ ପାରିତ ଆଦେଶର ଅନୁଧ୍ୟାନରୁ ଏହା ଜଣାପଡ଼େ ଯେ ପ୍ରମାଣ ଅଧିନିୟମ ଧାରା 39 ଏବଂ 45 (ଏ) ଅନୁଯାୟୀ ପ୍ରତିବାଦୀଙ୍କ ଦ୍ୱାରା 18.11.2014ରେ ଏକ ଆବେଦନ ଦାଖଲ କରାଯାଇଥିଲା, ଯେତେବେଳେ ଅଭିଯୋଗ ପକ୍ଷର ସାକ୍ଷୀମାନଙ୍କ ସାକ୍ଷ୍ୟ ପ୍ରଦାନ ଚାଲିଥିଲା । ଅଭିଯୋଗ ପକ୍ଷର ସାକ୍ଷ୍ୟ ଏବଂ ପ୍ରମାଣ ପ୍ରଦାନ ପ୍ରକ୍ରିୟା ତା08.12.2015ରିଖ ରେ ସମାପିତ ହୋଇଥିଲା । ସେହିଦିନ, ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ପ୍ରତିବାଦୀଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ଏମ୍.ଓ.I ଏବଂ ଏମ୍.ଓ.IIର ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ

ନିର୍ଦ୍ଦେଶ ଦେଇଥିଲେ ଏବଂ ପ୍ରତିବାଦୀଙ୍କ ତରଫରୁ ସାକ୍ଷ୍ୟ ଏବଂ ପ୍ରମାଣ ପ୍ରଦାନ କରିବାକୁ ମାମଲାଟିକୁ 04.12.2016କୁ ଧାର୍ଯ୍ୟ କରଯାଇଥିଲା ।

7. 31.07.2023 ତାରିଖର ଆକ୍ଷେପିତ ଆଦେଶର ଅନୁଧ୍ୟାନରୁ ଜଣାପଡ଼େ ଯେ ଲିପିବଦ୍ଧ ସ୍ୱରର ଯାଞ୍ଚ ପାଇଁ ପ୍ରତିବାଦୀ ଅଧିବକ୍ତାଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇନଥିଲା । 11.01.2016ରେ, ଅଭିଯୁକ୍ତ ବ୍ୟକ୍ତିମାନଙ୍କୁ ସିଆର୍.ପି.ସି. ର ଧାରା 313 ଅନୁଯାୟୀ ପରୀକ୍ଷା କରାଯାଇଥିଲା ଏବଂ ପ୍ରତିରକ୍ଷା ତରଫରୁ ସାକ୍ଷ୍ୟ ଏବଂ ପ୍ରମାଣ ପ୍ରଦାନ ପାଇଁ ମାମଲାଟିକୁ 12.01.2016କୁ ଧାର୍ଯ୍ୟ କରାଯାଇଥିଲା । ତା25.01.2016ରିଖରେ, ପ୍ରତିବାଦୀଙ୍କ ତରଫରୁ ସାକ୍ଷ୍ୟ ଏବଂ ପ୍ରମାଣ ପ୍ରଦାନ ପ୍ରକ୍ରିୟାକୁ ସମାପିତ କରଯାଇଥିଲା । ଯେତେବେଳେ ଏହି ମାମଲାଟିରେ ଜବାବ ସୁଆଲ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା, ଧାରା 311 ସିଆର୍.ପି.ସି. ଅନୁଯାୟୀ ସାକ୍ଷୀ ଭାବରେ ମୃତଙ୍କ ଭାଇ ନବ କିଶୋର ଦାସଙ୍କ ପରୀକ୍ଷା ପାଇଁ ଏକ ଆବେଦନ ଅଭିଯୋଗ ପକ୍ଷଙ୍କ ଦ୍ୱାରା ଦାଖଲ କରାଯାଇଥିଲା । ଏହାକୁ 09.03.2016 ରେ ବିଜ୍ଞ ଅତିରିକ୍ତ ଦୌରା ବିଚାରପତି, ଆଠଗଡ଼ଙ୍କ ଦ୍ୱାରା ଅନୁମତି ଦିଆଯାଇଥିଲା । ସିଆର୍ ଏଲ୍ ଏମ୍ ସି ସଂଖ୍ୟା 891/2016ରେ ପ୍ରତିବାଦୀଙ୍କ ଦ୍ୱାରା ଉକ୍ତ ଆଦେଶକୁ ଏହି ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ, 14.10.2022 ରେ ଉପରୋକ୍ତ ମାମଲାର ସମାଧାନ ହେବା ପର୍ଯ୍ୟନ୍ତ, ବିଚାର ସ୍ଥଗିତ ରହିଛି । ଉକ୍ତ ଆଦେଶ ଅନୁଯାୟୀ ନବ କିଶୋର ଦାସ 21.07.2023ରେ ଅଭିଯୋଗ ପକ୍ଷଙ୍କ ତରଫରୁ ପି.ଡ଼ବ୍ଲ୍ୟୁ.21 ଭାବରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି ଏବଂ ସେହି ଦିନ ବିଜ୍ଞ ପ୍ରତିବାଦୀ ଅଧିବକ୍ତାଙ୍କ ଦ୍ୱାରା ତାଙ୍କୁ ଜେରା କରାଯାଇସାରି ରିକ୍ତ କରଯାଇଥିଲା । (ତାଙ୍କୁ ଅଳ୍ପ କେତେକ ସ୍ଥାନରେ ଆକ୍ଷେପିତ ଆଦେଶରେ ପି.ଡ଼ବ୍ଲ୍ୟୁ.20 ଭାବରେ ଉଲ୍ଲେଖ କରାଯାଇଛି ।)

8. 31.07.2023 ତାରିଖର ଆଦେଶର ଅନୁଧ୍ୟାନରୁ ଜଣାପଡ଼େ ଯେ, ବିଜ୍ଞ ଅତିରିକ୍ତ ଦୌରା ବିଚାରପତି ମନ୍ତବ୍ୟ ଦେଇଛନ୍ତି ଯେ ଏମ୍.ଓ.I ଏବଂ ଏମ୍.ଓ.II ହେଉଛି କିପ୍ୟାଡ୍ ମୋବାଇଲ୍ ଏବଂ ସିମ୍ କାର୍ଡ, ଯାହାକୁ ଅଭିଯୁକ୍ତ ତଦନ୍ତ ସମୟରେ

ଦାଖଲ ଦେବାରେ ଆଇ.ଓ  ଜବତ କରିଥିଲେ ଏବଂ ସେଗୁଡ଼ିକୁ ଅଭିଯୁକ୍ତଙ୍କ ଜିମାରେ ହସ୍ତାନ୍ତର କରାଯାଇଥିଲା ଏବଂ ଯେଉଁ ଦିନ ଆଇ.ଓ.ଙ୍କୁ ନ୍ୟାୟାଳୟରେ ପରୀକ୍ଷା କରାଯାଇଥିଲା, ସେହିଦିନ ସେଗୁଡ଼ିକୁ ନ୍ୟାୟାଳୟରେ ଉପସ୍ଥାପନ କରଯାଇଥିଲା ଏବଂ ଅଭିଯୋଗ ପକ୍ଷଙ୍କ ତରଫରୁ ଏମ୍.ଓ.I ଏବଂ ଏମ୍.ଓ.II ଭାବରେ ଚିହ୍ନିତ କରାଯାଇଥିଲା। ଜବତ ତାଲିକାରେ ଆଇ.ଓ.ଙ୍କ ଦ୍ୱାରା ଜବତ ହୋଇଥିବା ଏମ୍.ଓ.I ଏବଂ ଏମ୍.ଓ.IIର ବିବରଣୀ ପ୍ରକାଶ କରାଯାଇ ନାହିଁ ଏବଂ ଆଇ. ଓ. ତାଙ୍କ ପ୍ରମାଣରେ କହିଛନ୍ତି ଯେ ସେ କଥିତ ମୋବାଇଲରେ ଲିପିବଦ୍ଧ ହୋଇଥିବା ବାର୍ତ୍ତାଳାପକୁ ପ୍ରଦର୍ଶିତ କରିନାହାଁନ୍ତି । ଯେହେତୁ ନ୍ୟାୟାଳୟ ସେହି ଦିଗ ଉପରେ ବିଶେଷଜ୍ଞଙ୍କ ସହାୟତା ନେଇ ପଦକ୍ଷେପ ନେବା ପାଇଁ ପ୍ରତିବାଦୀଙ୍କୁ ଅବକାଶ ଦେଇଛନ୍ତି ଏବଂ ପଦକ୍ଷେପ ନେବା ପରିବର୍ତ୍ତେ, ପ୍ରତିବାଦୀ ସେମାନଙ୍କ ତରଫରୁ ସାକ୍ଷ୍ୟ ଏବଂ ପ୍ରମାଣ ପ୍ରଦାନ ପ୍ରକ୍ରିୟାକୁ ସମାପିତ କରି ଦେଇଥିଲେ ଏବଂ ଯେହେତୁ ସାକ୍ଷୀ ତାଙ୍କ ଯାଞ୍ଚରେ ପ୍ରତିବାଦୀଙ୍କ ପ୍ରସ୍ତାବକୁ ସିଧାସଳଖ ଭାବରେ ଅସ୍ୱୀକାର କରିଛନ୍ତି ଯେ, ସେ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନରେ ମୃତକଙ୍କ ସହ କୌଣସି ବାର୍ତ୍ତାଳାପ କରିନାହାନ୍ତି, ତେଣୁ ଆବେଦନକାରୀଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି। ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ମଧ୍ୟ ମତ ଦେଇଛନ୍ତି ଯେ ପ୍ରତିବାଦୀଙ୍କ ପାଇଁ ପ୍ରମାଣ ସଂଗ୍ରହ କରିବା, ନ୍ୟାୟାଳୟଙ୍କ ପକ୍ଷେ ସମ୍ଭବ ନୁହେଁ ।

9. ପି.ଡ଼ବ୍ଲ୍ୟୁ.21 ନବ କିଶୋର ଦାସଙ୍କ ବୟାନର ଅନୁଧ୍ୟାନରୁ ଜଣାପଡ଼େ ଯେ ମୃତକଙ୍କ ମୃତ୍ୟୁ ସମୟରେ ସେ ସୁରତରେ ଥିଲେ ଏବଂ ତାଙ୍କ ମୃତ୍ୟୁର ପ୍ରାୟ ଛଅ ମାସ ପରେ ଫେରିଥିଲେ ଏବଂ ସୁରତରେ ଥିବାବେଳେ ମୃତକଙ୍କ ସହ କଥାବାର୍ତ୍ତା କରୁନଥିଲେ। ପ୍ରତିବାଦୀଙ୍କ ଦ୍ୱାରା ଜେରା କରିବା ସମୟରେ ସେ ମୃତକଙ୍କୁ ଦୁର୍ବ୍ୟବହାର ଏବଂ ଚେତାବନୀ ଦେବା କଥାକୁ ଅସ୍ୱୀକାର କରିଛନ୍ତି ।

10. ଯେତେବେଳେ ଏମ୍.ଓ.I ଏବଂ ଏମ୍.ଓ.II ନ୍ୟାୟାଳୟରେ ଦାଖଲ ହେବା ପୂର୍ବରୁ ଅଭିଯୁକ୍ତଙ୍କ ଜିମା (ମଧ୍ୟବର୍ତ୍ତୀକାଳୀନ ହେପାଜତ) ରେ ରହିଥିଲା, ପି.ଡ଼ବ୍ଲ୍ୟୁ.21 ଲିପିବଦ୍ଧ ସ୍ୱରର ସମ୍ମୁଖୀନ ହେବା ପୂର୍ବରୁ ପ୍ରମାଣ ଅଧିନିୟମର ଧାରା - 45 (ଏ) ଅନୁଯାୟୀ ଜଣେ ବିଶେଷଜ୍ଞଙ୍କ ପ୍ରମାଣପତ୍ର ଆବଶ୍ୟକ ଥିଲା । 08.12.2015 ତାରିଖର ଆଦେଶ

ସତ୍ତ୍ୱେ, ଜଣେ ବିଶେଷଜ୍ଞଙ୍କ ଦ୍ୱାରା ଏମ୍.ଓ. ଗୁଡ଼ିକୁ ଯାଞ୍ଚ ନକରି, ଉକ୍ତ ନ୍ୟାୟାଳୟରେ ଏମ୍. ଓ.I ଏବଂ ଏମ୍. ଓ.IIରେ ଥିବା ଲିପିବଦ୍ଧ ସ୍ୱରକୁ ପି.ଡ଼ବ୍ଲ୍ୟୁ.21ଙ୍କୁ ପ୍ରଦର୍ଶନ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା।

11. ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି, ଏହି ଆକ୍ଷେପିତ ଆଦେଶରେ ମୁଁ ଏପରି କୌଣସି ଦୁର୍ବଳତା କିମ୍ବା ଅବୈଧତା ଦେଖୁନାହିଁ, ଯେଉଁଥିପାଇଁ ସିଆର୍.ପି.ସିର ଧାରା 482 ଅନୁଯାୟୀ କ୍ଷମତାର ପ୍ରୟୋଗକରି ହସ୍ତକ୍ଷେପ କରିବାକୁ ପଡିବ ।

12. ତଦନୁସାରେ, ସିଆର୍ ଏଲ୍ ଏମ୍ ସିକୁ ଖାରଜ କରାଗଲା ।

13. ଉପଯୁକ୍ତ ଆବେଦନରେ ଏହି ଆଦେଶର ଜରୁରୀ ପ୍ରମାଣୀକୃତ ନକଲ ମଞ୍ଜୁର କରାଯାଉ ।

..............................

**(ସାବିତ୍ରୀ ରଥ)**

**ନ୍ୟାୟମୂର୍ତ୍ତି**

*ସୁକାନ୍ତ*

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ବୟାନଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ** - ସିଦ୍ଧାର୍ଥ ସୋରେନ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ